# NATIONAL NEWS BULLETIN (ODIA)

**18 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ପିଏମ୍ କିଷାନ ସମ୍ମାନ ନିଧି ଅଧୀନରେ ଆଜି ୧୭ତମ କିସ୍ତି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ପଞ୍ଚାୟତ ସ୍ତରୀୟ ଯୋଗ ଶିବିର ଆୟୋଜନ ପାଇଁ ସରପଞ୍ଚମାନଙ୍କୁ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ ।

- ପ୍ରଥମ ଭାରତୀୟ ଭାବେ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ବିନୋଦ ଗଣତ୍ରାଙ୍କୁ ମିଳିଲା ନେଲସନ ମଣ୍ଡେଲା ସମ୍ମାନ ।

- ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ୨୪ଘଣ୍ଟା ଲାଗି କର୍ଫ୍ୟୁ ଜାରି ।

ଏବଂ

- ଆଇସିସି ଟି-୨୦ କ୍ରିକେଟ ବିଶ୍ୱକପ୍ ପ୍ରତିଯୋଗିତାରେ ଆଫଗାନିସ୍ତାନକୁ ପରାସ୍ତ କଲା ୱେଷ୍ଟଇଣ୍ଡିଜ ।

# ପିଏମ୍-ବାରାଣାସୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ମାଧ୍ୟମରେ ୯କୋଟି ୨୬ଲକ୍ଷ କୃଷକ ପରିବାରକୁ ପିଏମ୍ କିଶାନ ସମ୍ମାନନିଧି ଯୋଜନାର ୧୭ତମ କିସ୍ତି ବାବଦକୁ ୨୦ହଜାର କୋଟିରୁ ଅଧିକ  ଟଙ୍କା ପ୍ରଦାନ କରିବେ । ଉତ୍ତରପ୍ରଦେଶର ବାରାଣାସୀଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏହି କିସ୍ତି ପ୍ରଦାନ କରିବେ । ଅନ୍ୟପକ୍ଷରେ ସେଠାରେ ଆୟୋଜିତ ହେବାକୁ ଥିବା କୃଷକ ସମ୍ମାନ ସମ୍ମିଳନୀକୁ ଉଦ୍‌ବୋଧନ ଦେବେ । ଆମ ଆକାଶବାଣୀ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ନରେନ୍ଦ୍ର ମୋଦୀ ପ୍ରଥମଥର ପାଇଁ ବାରାଣାସୀ ଗସ୍ତ କରୁଛନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳ ଗଠନ ହେବା ପରେ ପ୍ରଥମେ କୃଷକମାନଙ୍କୁ ଏହି କିସ୍ତି ପ୍ରଦାନ ସମ୍ପର୍କିତ ଦସ୍ତାବିଜ୍‌ରେ ପ୍ରଧାନମନ୍ତ୍ରୀ ଦସ୍ତଖତ କରିଥିଲେ ।

କୃଷକମାନଙ୍କୁ ଚାଷ କାର୍ଯ୍ୟରେ ଆର୍ଥିକ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୧୯ ମସିହା ଫେବୃଆରୀ ୨୪ ତାରିଖରେ ପିଏମ୍ କିଶାନ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ୪ ମାସରେ ଥରେ ୨ ହଜାର ଟଙ୍କା ଲେଖାଏଁ ବର୍ଷକୁ ମୋଟ୍ ୬ ହଜାର ଟଙ୍କା ପ୍ରତ୍ୟେକ ହିତାଧିକାରୀଙ୍କୁ  ଡିବିଟି ମାଧ୍ୟମରେ ପ୍ରଦାନ କରାଯାଏ। ବର୍ତ୍ତମାନ ସୁଦ୍ଧା ୧୧ କୋଟିରୁ ଅଧିକ ଯୋଗ୍ୟ କୃଷକ ପରିବାର ଏହି ଯୋଜନା ଅଧୀନରେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଲାଭ ପାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ନେଇ ବାରାଣାସୀ ପ୍ରସ୍ତୁତ

ହୋଇଛି । ଏହି ଲୋକସଭା ଆସନରୁ ତୃତୀୟଥର ପାଇଁ ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀଙ୍କର ଏହା ସେଠାକୁ ପ୍ରଥମ ଗସ୍ତ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦଶଶ୍ୱମେଧ ଘାଟ ଠାରେ ଗଙ୍ଗା ଆରତୀ କାର୍ଯ୍ୟକ୍ରମରେ ଯୋଗଦେବେ । ପରେ କାଶୀ ବିଶ୍ୱନାଥ ମନ୍ଦିରକୁ ଯାଇ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ରାତ୍ରିଯାପନ ପରେ ଆସନ୍ତାକାଲି ସକାଳେ ପ୍ରଧାନମନ୍ତ୍ରୀ ବିହାର ଗସ୍ତରେ ଯିବେ ।

ଏହି ଅବସରରେ ଆଜି ଓଡ଼ିଶାର ବିଭିନ୍ନ ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକକରେ ପିଏମ୍-କିଶାନ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମ ଆୟୋଜନ ହେବ। ଅପରାହ୍ନ ୪ଟା ୩୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ପରିଷଦର ସଦସ୍ୟଗଣ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

## ପିଏମ୍ ଲେଟର-ଗ୍ରାମ ପଞ୍ଚାୟତ

ଯୋଗ ଏବଂ ମିଲେଟ୍ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପଞ୍ଚାୟତ ସରପଞ୍ଚ ମାନଙ୍କୁ ଆହ୍ୱାନ ଦେଇଛନ୍ତି । ୧୦ମ ଆନ୍ତର୍ଜାତିକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ପଞ୍ଚାୟତ ପ୍ରଧାନମାନଙ୍କୁ ଏକ ପତ୍ର ଲେଖି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯୁବପିଢ଼ୀଙ୍କ ଜୀବନଚର୍ଯ୍ୟାକୁ ସ୍ଥାୟୀ ଓ ସରଳ କରିବା ଦିଗରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଅଙ୍ଗନବାଡି, ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟାନ୍ୟ ସାଧାରଣ ସ୍ଥାନରେ ଯୋଗ ଶିବିରମାନ

ଆୟୋଜନ କରିବା ପାଇଁ ପଞ୍ଚାୟତ ପ୍ରତିନିଧିମାନେ ବିଶେଷ ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଚଳିତବର୍ଷର ଆନ୍ତର୍ଜାତିକ ଯୋଗ ଦିବସର ବାର୍ତ୍ତା ରହିଛି 'ଯୋଗ ନିଜ ପାଇଁ ଓ ସମାଜ ପାଇଁ' । ଏହି ବାର୍ତ୍ତାକୁ ସଫଳ କରିବା ସହ ବିଶ୍ୱସ୍ତରରେ ଭାରତର ସନ୍ଦେଶକୁ ପହଞ୍ଚାଇବା ଲକ୍ଷ୍ୟରେ ଦେଶବ୍ୟାପୀ ଯୋଗଶିବିର ଆୟୋଜନ କରାଯାଇ ଅଧିକରୁ ଅଧିକ ଯୁବପୀଢ଼ିଙ୍କୁ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଯୋଗ କେବଳ ମଣିଷକୁ ମାନସିକ ଓ ଶାରିରୀକ ଶକ୍ତି ଯୋଗାଇ ନଥାଏ; ଏହା ପାରସ୍ପରିକ ସହଯୋଗ ଏବଂ ସାଂସ୍କୃତିକ ସମନ୍ୱୟ ପ୍ରତିଷ୍ଠାରେ ସହାୟକ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମୁମ୍ବଇ ଫିଲ୍ମ ସମାରୋହ

ମୁମ୍ବାଇରେ ବୃତ୍ତଚିତ୍ର, ଲଘୁ ଏବଂ ଆନିମେସନ ଚଳଚ୍ଚିତ୍ରକୁ ନେଇ ୧୮ତମ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ସମାରୋହ ଜାରି ରହିଛି । ସମାରୋହର ଆଜି ଚତୁର୍ଥ ଦିନରେ ଅନେକଗୁଡ଼ିଏ ପ୍ରସିଦ୍ଧ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ଏଥିରେ 'ଷ୍ଟୋରି ଅଫ୍ ଏ ପେଣ୍ଟିଂ', 'ଏଲିଏନ୍-ଏ ଡକ୍ୟୁମେଣ୍ଟାରୀ ଏବାଉଟ୍ ଲିଗାଲ୍', 'ଦ ଲାଷ୍ଟ ସିଫ୍ଟ' ଏବଂ 'ଆକାଶ ଗଙ୍ଗା' ଭଳି ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ଏହାବ୍ୟତୀତ ଭାରତରେ ଆନିମେସନ ଚଳଚ୍ଚିତ୍ରର ପୃଷ୍ଠଭୂମି ଏବଂ କ୍ରମବିକାଶକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବାର ଯୋଜନା ରହିଛି । ଏହାଦ୍ୱାରା ଯୁବ କଳାକାର ଏବଂ ଚଳଚ୍ଚିତ୍ର ନିର୍ମାତାମାନେ ଆଗାମୀ ଦିନ ପାଇଁ ଆନିମେସନ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଆଗକୁ ବଢ଼ିପାରିବେ । ଏହି ସମାରୋହରେ ଭାରତୀୟ ବନ୍ୟଜୀବ ସଂରକ୍ଷଣ ନେଇ ଏକ ସ୍ୱତନ୍ତ୍ର ବୃତ୍ତଚିତ୍ର ପ୍ରଦର୍ଶିତ ହେବ । ୬ ଦିନ ଧରି ହେବାକୁ

ଥିବା ଏହି ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଜୁନ୍ ୨୧ରେ ଉଦ୍‌ଯାପିତ ହେବ ।

## ନେଲସନ ମଣ୍ଡେଲା ଆୱାର୍ଡ

ଚଳଚ୍ଚିତ୍ର ଜଗତକୁ ଉଲ୍ଲେଖନୀୟ ଅବଦାନ ପାଇଁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ବିନୋଦ ଗଣତ୍ରାଙ୍କୁ ଚଳିତବର୍ଷ ଦକ୍ଷିଣ ଆଫ୍ରିକାର ସମ୍ମାନଜନକ ନେଲସନ ମଣ୍ଡେଲା ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି । ଏହି ସମ୍ମାନ ପାଇବାରେ ଶ୍ରୀ ଗଣତ୍ରା ହେଉଛନ୍ତି ପ୍ରଥମ ଭାରତୀୟ ଚଳଚ୍ଚିତ୍ର ନିର୍ମାତା । ଦକ୍ଷିଣ ଆଫ୍ରିକାରେ ଚାଲିଥିବା ସପ୍ତମ ନେଲସନ ମଣ୍ଡେଲା ଶିଶୁ ଚଳଚ୍ଚିତ୍ର ମହୋତ୍ସବ ଅବସରରେ ଶ୍ରୀ ଗଣତ୍ରାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ବହୁ ପ୍ରଭାବଶାଳୀ ଶିଶୁ ଚଳଚ୍ଚିତ୍ର ନିର୍ମାଣ କରି ଶ୍ରୀ ଗଣତ୍ରା ଭାରତୀୟ ତଥା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଜଗତରେ ସୁନାମଅର୍ଜନ କରିବା ସହ ୩୬ଟି ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର ହାସଲ କରିଛନ୍ତି । ଶିଶୁଭିତ୍ତିକ କାର୍ଯ୍ୟକ୍ରମ ବୈଙ୍ଗନ ରାଜା ପାଇଁ ଦୂରଦର୍ଶନ ପକ୍ଷରୁ ତାଙ୍କୁ ଜାନକୀନାଥ ଗୌର୍ ସମ୍ମାନ ପ୍ରଦାନ କରାଯାଇଛି ।  ଗୁଜୁରାଟୀ ଚଳଚ୍ଚିତ୍ର 'ହରୁନ୍ ଅରୁନ୍' ପାଇଁ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ଭାବେ ସେ ସିକାଗୋରେ ଲିଭ୍ ଉଲମାନ ଶାନ୍ତି ପୁରସ୍କାର ଲାଭ କରିଛନ୍ତି ।

## ଫିଚ-ଜିଡିପି

ଚଳିତ ଆର୍ଥିକ ବର୍ଷରେ ଭାରତର ଘରୋଇ ଉତ୍ପାଦ-ଜିଡିପି ଅଭିବୃଦ୍ଧି ୭ ଦଶମିକ ୨ ପ୍ରତିଶତ ରହିବ ବୋଲି ଫିଚ୍ ରେଟିଂ ସଂସ୍ଥା ସାନି ଆକଳନ କରିଛି । ଗତ ମାର୍ଚ୍ଚ ମାସରେ ଫିଚ୍ ଦେଶର ଜିଡିପି ଅଭିବୃଦ୍ଧି ୭

ଦଶମିକ ରହିବ ବୋଲି ଆକଳନ କରିଥିଲା । ଦେଶର ଖାଉଟୀ ମାନଙ୍କର ଖର୍ଚ୍ଚ ଏବଂ ପୁଞ୍ଜି ବିନିଯୋଗ ପରିମାଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଫିଚ୍ ଏହି ଅଭିବୃଦ୍ଧି ଆକଳନକୁ ବଢ଼ାଇଛି । ଆଜି ପ୍ରକାଶିତ ଫିଚ୍ ରେଟିଂର ତ୍ରୈମାସିକ ଅର୍ଥନୈତିକ ଆଉଟ୍‌ଲୁକ୍ ରିପୋର୍ଟରେ ମଧ୍ୟ ୨୦୨୪ରେ ବିଶ୍ୱ ଅଭିବୃଦ୍ଧି ୨ ଦଶମିକ ୪ ପ୍ରତିଶତରୁ ୨ ଦଶମିକ ୬ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରିଛି ।

## ସିକ୍କିମ ଇଭୋକେସନ

ସିକ୍କିମରେ ପ୍ରବଳ ବର୍ଷା ଜନିତ ଭୂସ୍ଖଳନ ଓ ବନ୍ୟାରେ ଫସି ରହିଥିବା ୫ଶହ ପର୍ଯ୍ୟଟକଙ୍କୁ ସୀମା ସଡ଼କ ସଂଗଠନ-ବିଆର୍‌ଓ ଏବଂ ମଙ୍ଗନ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଅବିରତ ବର୍ଷା ଯୋଗୁଁ ସିକ୍କିମର ଚୁଙ୍ଗଥାଙ୍ଗ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁଁ ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି । ବିଆର୍‌ଓ ଟିମ୍‌ର ସଦସ୍ୟମାନେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ଅବରୋଧ ହଟାଇବା ପରେ ଫସି ରହିଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ଉଦ୍ଧାର କରିବା ସହଜ ହୋଇଥିଲା । ଏହି ଅଚାନକ ପ୍ରାକୃତିକ ବିପର୍ଯ୍ୟୟ କାଳରେ ଯୁଦ୍ଧକାଳୀନ ପରିଚାଳନା କରି ବିଆର୍‌ଓ ତା'ର ଦକ୍ଷତା ପ୍ରତିପାଦିତ କରିଛି । ବିଭିନ୍ନ ସ୍ଥାନରେ ଫସି ରହିଥିବା ପର୍ଯ୍ୟଟକମାନଙ୍କୁ ଉଦ୍ଧାର ପାଇଁ ୬ଟି ହେଲିକପ୍ଟରର ସହାୟତା ନିଆଯାଇଛି ।

# ଓଡ଼ିଶା କର୍ଫ୍ୟୁ

ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଦୁଇଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିବା ସଂଘର୍ଷ ଯୋଗୁଁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ କର୍ଫ୍ୟୁ ଜାରି କରାଯାଇଛି । ଗତକାଲି ବାଲେଶ୍ୱର ପୌରାଞ୍ଚଳରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେବା ପରେ ମଧ୍ୟରାତ୍ରିରୁ କର୍ଫ୍ୟୁ ଜାରି କରାଯାଇଥିଲା । ଏହା ଆଜି ମଧ୍ୟରାତ୍ରି ପର୍ଯ୍ୟନ୍ତ ବଳବତ୍ତର ରହିବ । ଜିଲ୍ଲାର ସଦର ଥାନା, ଟାଉନ୍ ଥାନା, ସହଦେବଖୁଣ୍ଟା ଏବଂ ଶିଳ୍ପାଞ୍ଚଳ ଥାନା ଅଧୀନରେ ଥିବା ପୌରାଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଛି । ଏହି ସମୟ ମଧ୍ୟରେ ଜନସାଧାରଣ ବାହାରକୁ ନଆସିବା ପାଇଁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୪୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି । ଗତକାଲିର ଘଟଣାକୁ ନେଇ ୭ଟି ମାମଲା ରୁଜୁ କରାଯାଇଥିବାବେଳେ ୩୪ଜଣଙ୍କୁ ପୋଲିସ ଅଟକ ରଖି ପଚରାଉପରା କରୁଛି । ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ, ବଜାର ଆଦି ବନ୍ଦ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ବିଧାନସଭା ଅଧିବେଶନ

ସପ୍ତଦଶ ଓଡ଼ିଶା ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନବନିର୍ବାଚିତ ବିଧାୟକମାନଙ୍କୁ ଶପଥପାଠ କରାଉଛନ୍ତି । ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି ଶପଥପାଠ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିବ । ବାଚସ୍ପତି ପଦବୀ ପାଇଁ ଆସନ୍ତାକାଲି ପ୍ରକ୍ରିୟା ଆରମ୍ଭ ହେବ ।

ମଧ୍ୟାହ୍ନ ୧୨ଟା ସୁଦ୍ଧା ନାମାଙ୍କନପତ୍ର ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି । ଆବଶ୍ୟକ ସ୍ଥଳେ ୨୦ ତାରିଖରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ୱେଷ୍ଟଇଣ୍ଡିଜ୍ ୧୦୪ ରନ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୫ୱିକେଟ୍ ବିନିମୟରେ ୨୧୮ ରନ୍ କରିଥିଲା । ଏହାର ଜବାବରେ ଆଫଗାନିସ୍ତାନ ୧୬ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୧୪ରନ୍ ସଂଗ୍ରହ କରିଥିଲା ।

ଗତକାଲିର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପପୁଆ ନ୍ୟୁ ଗିନିକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ତ୍ରିନିଦାଦର ବ୍ରାନ୍ ଲାରା ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପପୁଆ ନ୍ୟୁ ଗିନିକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ୧୯ ଓଭର ୪ଟି ବଲ୍‌ରେ ପପୁଆ ନ୍ୟୁ ଗିନି ସମସ୍ତ ୱିକେଟ୍ ହରାଇ ୭୮ରନ୍ ସଂଗ୍ରହ କରିଥିଲା । ନ୍ୟୁଜିଲାଣ୍ଡର ଫରଗୁସନ୍ ୪ ଓଭର ବୋଲିଂ କରି କୌଣସି ରନ୍ ନ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ୭୯ରନ୍‌ର ବିଜୟଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୧୨ ଓଭର ଏବଂ ୨ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ହାସଲ କରିନେଇଥିଲା । ଫରଗୁସନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।